## ସଂକ୍ଷେପରେ

### ୧ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ହେବ ଖରିଫ ଫସଲ

ନବରଙ୍ଗପୁର,୨୦।୫(ବ.ପ୍ର.)- ନବରଙ୍ଗପୁର ଜିଲା ଧାନ, ମକା ଓ ଆଖୁ ଚାଷ ପାଇଁ ପୂର୍ବରୁ ନାଁ କରି ଆସିଛି। ଚଳିତ ବର୍ଷ ଖରିଫ ଚାଷ ପାଇଁ ଜିଲାରେ ୧ଲକ୍ଷ ୯୯ ହଜାର ୧୨୮ ହେକ୍ଟର ଜମିରେ ବିଭିନ୍ନ ଚାଷ ପାଇଁ ଟାର୍ଗେଟ ରହିଛି। ୧ ଲକ୍ଷ ୩ ହଜାର ୪୬୮ ହେକ୍ଟର ଧାନ, ୬୦ ହଜାର ୩୪୭ ହେକ୍ଟରରେ ବାଜରା, ଯୋଓ୍ୱାର ଓ ମାଣ୍ଡିଆ ଆଦି ୨୮୫୦ ହେକ୍ଟର, ଡାଲି ଜାତୀୟ ଫସଲ ୮ ହଜାର ୨୪୨ ହେକ୍ଟର, ତୈଳ ଜାତୀୟ ୭୫୫ ହେକ୍ଟର, ଝୋଟ ଜାତୀୟ ୧୬୯ ହେକ୍ଟର, ଆଳୁ ଓ ପନିପରିବା ୧୬ ହଜାର ୮୪୩ ହେକ୍ଟର, ହଳଦୀ, ମରାଚ ଓ ଅଦା ୧୫୭୭ ହେକ୍ଟର, ଆଖୁ ୪୬୮ ୨ହେକ୍ଟର, ସେମଳ କନ୍ଦା ୧୦୨ ହେକ୍ଟର ଓ ଧନିଚା ଚାଷ ୭୫ ହେକ୍ଟରରେ କରାଯିବାକୁ ଟାର୍ଗେଟ ରହିଛି। ଜିଲା ପାଇଁ ୭୨ ହଜାର ମେଟ୍ରିକ ଟନ୍ ସାରର ଆବଶ୍ୟକତା ରହିଛି। ଗତବର୍ଷ ଖରିଫରେ ୬୦ ହଜାର ୮୫୦ ମେଟ୍ରିକ୍ ଟନ ସାର ଜିଲାକୁ ଆସିଥିଲା। ସେହିଭଳି ୨୬୮ ଡିଲର ମାଧମରେ ଧାନ ବିହନ ବିକ୍ରି ବ୍ୟବସ୍ଥା ରହିଛି। ୩୪୧ ଡିଲର ଜିଲାରେ ସାର ବିକ୍ରି କରିବା ପାଇଁ ପଞ୍ଜୀକୃତ କରିଛନ୍ତି। ମୋଟ ୬୭୫ଟି ସ୍ଥାନରେ ବିହନ ଓ ସାର ବିକ୍ରି କରାଯିବ ବୋଲି ଜିଲାମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ଦିନକରେ ୨୩୩ ପଜିଟିଭ, ୨ ମୃତ

ରାୟଗଡ଼ା ଅଫିସ, ୨୦।୫- ରାୟଗଡ଼ା ଜିଲାରେ କରୋନା ସଂକ୍ରମିତ ଏବଂ ମୃତକଙ୍କ ସଂଖ୍ୟା ଲଗାତର ବୃଦ୍ଧିପାଉଛି। ବୁଧବାର ଜିଲାରୁ ୧୭୦ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ଆଉ ୨୩୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାରୁ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ହେଲେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୃତକମାନଙ୍କ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ। ନୂତନ ୨୩୩ ସଂକ୍ରମିତଙ୍କ ମଧ୍ୟରେ ଜିଲାର ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରୁ ସର୍ବାଧିକ ୬୨ ସଂକ୍ରମିତ ରହିଛନ୍ତି। ସେହିପରି ରାୟଗଡ଼ା ଗ୍ରାମାଞ୍ଚଳରୁ ୫୪, ରାୟଗଡ଼ା ସହରାଞ୍ଚଳରୁ ୩୭, ଗୁଣପୁର ସହରାଞ୍ଚଳରୁ ୧୭, ଗୁଣପୁର ଗ୍ରାମାଞ୍ଚଳରୁ ୭, ପଦ୍ମପୁରରୁ ୧୨, ଗୁଡାରିରୁ ୬, କାଶୀପୁରରୁ ୧୩, କଲ୍ୟାଣସିଂହପୁରରୁ ୮, ବିଷମକଟକରୁ ୪, କୋଲନରାରୁ ୫, ରାମନାଗୁଡ଼ାରୁ ୭ ଏବଂ ଚନ୍ଦ୍ରପୁରରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩୫୧୧ କୁ ବୃଦ୍ଧିପାଇଛି। ସେମାନଙ୍କ ମଧ୍ୟରୁ ୧୧୯୬୦ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ଗଞ୍ଜେଇ ଜବତ, ୪ ଗିରଫ

ଜୟପୁର, ୨୦।୫ (ନି.ପ୍ର.)- କୋରାପୁଟ ଜିଲା ଲମତାପୁଟରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ହାତରେ ଧରାପଡିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଧ୍ୟପ୍ରଦେଶର ଅଖିଲେଶ ମେଶଖେର, ଅଜୟ ସୋଡି, ଦୀପକ ମାଲଭି, ବଣ୍ଟି ଚନ୍ଦ ଲାଲା ସୋଡି। ପୋଲିସ ୫୧ କେଜି ଗଞ୍ଜେଇ, କାର, ୪ଟି ମୋବାଇଲ ଫୋନ, ୧ ହଜାର ୯୫୦ ଟଙ୍କା ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ।

# ସମ୍ଭାବ୍ୟ 'ୟାସ୍', ବନ୍ୟା ମୁକାବିଲା ନେଇ ପ୍ରସ୍ତୁତି

**■ ଜିଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

**■ ୧୫ ଦିନ ମଧ୍ୟରେ ମରାମତି କାମ ସାରିବାକୁ ନିର୍ଦ୍ଦେଶ**

ରାୟଗଡ଼ା ଅଫିସ,୨୦।୫

ସମ୍ଭାବ୍ୟ ବାତ୍ୟାର ମୁକାବିଲା ଓ ଆଗକୁ ଆସୁଥିବା ବର୍ଷାଦିନରେ ବନ୍ୟା ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ରାୟଗଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ପକ୍ଷରୁ ଏକ ଅନ୍‌ଲାଇନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁସୂଚୀତ ଜାତି ଓ ଜନଜାତି ବିକାଶ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ରୟାଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ପ୍ରମୁଖ ଯୋଗ ଦେଇଥିଲେ।

ବୈଠକରେ ମୁଖ୍ୟତଃ ବର୍ଷାଦିନ ପୂର୍ବରୁ ଜିଲାରେ ଭାଙ୍ଗିଯାଇଥିବା ନଦୀବନ୍ଧଗୁଡ଼ିକର ମରାମତି ସାରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏ ନେଇ ପାରଳାଖେମୁଣ୍ଡି ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଂଶଧାରା, ନାଗାବଳୀ



ଅନ୍‌ଲାଇନ୍ ବୈଠକରେ ଯୋଗ ଦେଇଥିବା ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଅବବାହିକାରେ ରହିଥିବା ରାୟଗଡ଼ା ବ୍ଲକ୍ ସମେତ ଗୁଡାରି, ଗୁଣପୁର, ପଦ୍ମପୁର, କଲ୍ୟାଣସିଂହପୁର ବ୍ଲକ୍‌ରେ ବନ୍ୟା ପାଣି ମାଡ଼ିବା ଆଶଙ୍କା ରହିଥିବା ଅଞ୍ଚଳକୁ ଚିହ୍ନଟ କରି ୧୫ ଦିନ ମଧ୍ୟରେ ନଦୀବନ୍ଧଗୁଡ଼ିକର ମରାମତି ସାରିବାକୁ ଜିଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତରବରିଆଭାବେ ନ କରି ମଜବୁତ କାମ କରିବାକୁ କୁହାଯାଇଛି। ବନ୍ୟା ପରିସ୍ଥିତି ଉପୁଜିଲେ ମୁକାବିଲା ନିମନ୍ତେ ଜିନିଷ ମହଜୁଦ ରଖି ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବନ୍ୟା ଜଳ ନିଷ୍କାସନ ନିମନ୍ତେ କେନାଲ ଗୁଡ଼ିକର ମରାମତି କାର୍ଯ୍ୟ ସାରିବାକୁ କୁହାଯାଇଛି। ବନ୍ୟାର ସୁପରିଚାଳନା ନିମନ୍ତେ ଉପଖଣ୍ଡ ସ୍ତରରେ ଉପଜିଲ୍ଲାପାଳ, ତହସିଲ ସ୍ତରରେ ତହସିଲଦାର, ବ୍ଲକ ସ୍ତରରେ ବିଡିଓ, ରାଜସ୍ୱ ଅଞ୍ଚଳ ସ୍ତରରେ ଆର୍‌ଆଇ ଏବଂ ପଞ୍ଚାୟତ ସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସହରାଞ୍ଚଳରେ ପୌର ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବନ୍ୟା ଓ ବାତ୍ୟା ସମୟରେ ଦୁର୍ଗମ ଓ ବନ୍ୟା ପ୍ଲାବିତ ଅଞ୍ଚଳରେ ଯଥେଷ୍ଟ ଆଗରୁ ଶୁଖିଲା ଖାଦ୍ୟ, କିରାସିନି, ଚୁଡ଼ା, ଗୁଡ଼ ଆଦି ମହଜୁଦ ରଖିବା ନିମନ୍ତେ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଆବଶ୍ୟକ ଔଷଧ, ପଲିଥିନ ଓ ଅନ୍ୟ ଜିନିଷ ମହଜୁଦ ରଖିବା, ପ୍ରାଣୀ ସମ୍ପଦ ସୁରକ୍ଷା, ରାସ୍ତାଘାଟ ସଫେଇ, ପାନୀୟ ଜଳ ଯୋଗାଣ, କୃଷକଙ୍କୁ ରିହାତି ମୂଲ୍ୟରେ ବିହନ, ସାର ଓ କୀଟନାଶକ ଯୋଗାଣ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି। ବର୍ଷା ଦିନ ପୂର୍ବରୁ ଅଚଳ ନଳକୂପ ଗୁଡ଼ିକୁ ମଧ୍ୟ ମରାମତି ନିମନ୍ତେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତହସିଲଦାର, ବିଡିଓ ଏବଂ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସାନର ଶାବଳ ମାଡ଼ରେ ବଡ଼ ଭାଇ ଜୀବନ ଗଲା

ଡାବୁଗାଁ, ୨୦।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଗ୍ରାମରେ ସାନ ଭାଇର ଶାବଳ ମାଡ଼ରେ ବଡ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଗ୍ରାମର ଧୁନଧର ଭତ୍ରା (୪୨)। ପୋଲିସ ଅଭିଯୁକ୍ତ ସାନଭାଇ ମାଣ୍ଡିଆ ଭତ୍ରା (୨୦)ଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ଧୁନଧର ଓ ମାଣ୍ଡିଆଙ୍କ ମାମୁଙ୍କ ମୃତ୍ୟୁ ହୋଇଥିଲା। ମାମୁଙ୍କ ଦଶାହ କାର୍ଯ୍ୟ ଦିନ ଭଣଜାମାନଙ୍କୁ ଗାଈ ବନ୍ଧନ (ଗୋଦାନ) ଦିଆଯାଏ। ତଦନୁଯାୟୀ, ମାମୁଘର ପକ୍ଷରୁ ଧୁନଧର ଓ ମାଣ୍ଡିଆଙ୍କୁ ମଧ୍ୟ ଏକ ଗାଈ ମିଳିଥିଲା। ସାନ ଭାଇ ମାଣ୍ଡିଆ ଗାଈଟିକୁ ବିକ୍ରି କରିଦେଇଥିଲେ। ବଡ଼ଭାଇ ଧୁନଧର ସାନ ଭାଇକୁ ଗାଈ ଅର୍ଥରୁ ୨ହଜାର ଟଙ୍କା ମାଗିଥିଲେ। ଉକ୍ତ ଘଟଣା ନେଇ ଘରେ ଝଗଡା ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଧୁନଧର ଦାଣ୍ଡରେ ବସିଥିବା ବେଳେ ମାଣ୍ଡିଆ ଏକ ଶାବଳ ଆଣି ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ଧୁନଧରଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ମାଣ୍ଡିଆ ନିଜେ ଧୁନଧରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଧୁନଧରଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ଧୁନଧରଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ରିପୋର୍ଟ ଅନୁସାରେ ଡାବୁଗାଁ ପୋଲିସ ନଂ.୧୩/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରେ ମୃତକଙ୍କ ସ୍ତ୍ରୀ ହୀରାଦେଈ ତାଙ୍କ ସ୍ୱାମୀଙ୍କୁ ମାଣ୍ଡିଆ ହତ୍ୟା କରିଥିବା ନେଇ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନାଧିକାରୀ ସୁରେନ୍ଦ୍ର କୁମାର ବେହୁରିଆ ନଂ.୯୦/୨୧ରେ ଆଉ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ବୁଧବାର ରାତିରେ ଅଭିଯୁକ୍ତ ମାଣ୍ଡିଆଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି।

# କୋଭିଡ୍ ମେଡିକାଲରେ କାର୍ଯ୍ୟକ୍ଷମ ହେଲା ଭେଣ୍ଟିଲେଟର, ଆଇସିୟୁ

**ନବରଙ୍ଗପୁର,୨୦।୫ (ବି.ପ୍ର.)**

ନବରଙ୍ଗପୁର କୋଭିଡ୍ ମେଡିକାଲରେ ଗୁରୁବାର ଭେଣ୍ଟିଲେଟର ଓ ଆଇସିୟୁ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଛି। କୋଭିଡ୍ ମେଡିକାଲ ପରିସରରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ସଦାଶିବ ପ୍ରଧାନୀ ଏବଂ ନବରଙ୍ଗପୁର ଜିଲାପାଳ ଡ.ଅଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଠାରେ ୧୨ ଶଯ୍ୟାବିଶିଷ୍ଟ ଆଇସିୟୁ ଆରମ୍ଭ ହୋଇଛି। ଆଇସିୟୁ ୟୁନିଟ୍‌ରେ ୪ଟି ଭେଣ୍ଟିଲେଟର ସୁବିଧା ରହିଛି। ୧୨ ଶଯ୍ୟାବିଶିଷ୍ଟ ଆଇସିୟୁ ୟୁନିଟ୍‌ରେ ଜୀବନ ରକ୍ଷାକାରୀ ସମସ୍ତ ଆବଶ୍ୟକ ଉପକରଣ ମହଜୁଦ ରହିଛି। କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଆବଶ୍ୟକତା ପୂରଣ ପାଇଁ ଏକ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। ଏଥିରେ ମେନିଫୋଲ୍ଡ ସିଷ୍ଟମ୍ ସାହାଯ୍ୟରେ ଏକକାଳୀନ ୬ଟି ଜମ୍ବୋ ସିଲିଣ୍ଡରରେ ପାଇପ ଜରିଆରେ ରୋଗୀଙ୍କ ଶଯ୍ୟା ନିକଟରେ ଅକ୍ସିଜେନ ଉପଲବ୍ଧ ହୋଇପାରିବ। ଏହି ପ୍ଲାଣ୍ଟରେ


କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ପି, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଷ୍ଠା କରାଯାଇଛି ଅକ୍ସିଜେନ ପ୍ଲାଣ୍ଟ**

ଗଚ୍ଛିତ ଅକ୍ସିଜେନ ସିଲିଣ୍ଡରରୁ ସିଧାସଳଖ ରୋଗୀଙ୍କ ଅକ୍ସିଜେନ ଆବଶ୍ୟକତା ପୂରଣ କରାଯାଇପାରିବ। ଜିଲାରେ ବର୍ତ୍ତମାନ ୪୬.୭ ଲିଟର କ୍ଷମତାବିଶିଷ୍ଟ ୧୩୭ଟି ଜମ୍ବୋ ସିଲିଣ୍ଡର ଥିବା ବେଳେ ୧୦ ଲିଟର କ୍ଷମତା ବିଶିଷ୍ଟ ୯୩ଟି ଛୋଟ ଅକ୍ସିଜେନ ସିଲିଣ୍ଡର ରହିଛି। କୋଭିଡ୍ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହି ଆଇସିୟୁ ୟୁନିଟ୍ ସହାୟକ ହୋଇପାରିବ ବୋଲି ଜିଲାପାଳ ଡ. ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହା ଜିଲାବାସୀଙ୍କ ଅନେକ ଦିନର ଦାବି। ଜିଲାବାସୀଙ୍କ ଦାବିକୁ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇ ତାହାକୁ ପୂରଣ କରିଛନ୍ତି। ଏଥିସହ ଏଠାକାର ଗୁରୁତର ରୋଗୀଙ୍କୁ ଆଉ କୋରାପୁଟ, ଜୟପୁର ଏବଂ ବାହାରକୁ ଯିବାକୁ ପଡିବ ନାହିଁ। ବର୍ତ୍ତମାନ ଏଠାରେ ହିଁ ସେମାନଙ୍କ ଚିକିତ୍ସା କରାଯାଇପାରିବ ବୋଲି ଏମ୍‌ପି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଏସ୍‌ପି ପ୍ରହଲ୍ଲାଦ ସାହାଇ ମିନା, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଟିଙ୍କିରି ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)କୁ ଫେରିଲେ ଡାକ୍ତର

## ଦେଢ଼ମାସ ହେଲା ଛୁଟିରେ ଥିଲେ

ଟିଙ୍କିରି,୨୦।୫

ରାୟଗଡ଼ା ଜିଲା କାଶିପୁର ବ୍ଲକ୍ ଟିଙ୍କିରିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ରେ ନିଯୁକ୍ତ ଡାକ୍ତର ଦେଢ଼ମାସ ହେଲା ଛୁଟିରେ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହୋଇଥିବା ନେଇ ଖବର ପ୍ରକାଶ ପାଇବା ପରେ ଡାକ୍ତରଖାନାରେ ଡାକ୍ତର ଶାଶ୍ୱତ ପରିଡ଼ାଙ୍କୁ ନୂଆରେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ଛୁଟିରେ ଥିବା ଡାକ୍ତର ସାଗର ନାୟକ ମଧ୍ୟ ନିଜ କର୍ଯ୍ୟକୁ ଫେରିଥିବା ଜଣାପଡ଼ିଛି। ଏ ନେଇ ଡା.



ସାଗର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ମୋ ମା'ଙ୍କ ସ୍ୱାସ୍ଥ୍ୟ ଖରାପ ଥିଲା। ତେଣୁ କାହାକୁ ଜଣାଇବାକୁ ମଧ୍ୟ ସମୟ ନ ପାଇ ଚାଲିଯାଇଥିଲି। ଦେଢ଼ମାସ ହେଲା ମା'ଙ୍କ ପାଇଁ ବ୍ୟସ୍ତଥିଲି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସେ ତୁରନ୍ତ କାର୍ଯ୍ୟରେ ଯୋଗ ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଏଠାରେ ଡାକ୍ତର ଅଭାବ ଯୋଗୁ ଜଣେ ମାତ୍ର ଆୟୁଷ ଡାକ୍ତରଙ୍କୁ ନେଇ ରୋଗୀସେବା ଚାଲିଥିଲା। ଫଳରେ ବିଭିନ୍ନ ଅଞ୍ଚଳରୁ ରୋଗୀ ଆସି ନିରାଶ ହୋଇ ଫେରୁଥିଲେ।

# ଆଜୀବନ ବୃଦ୍ଧାଶ୍ରମରେ ରହିବାକୁ କଲେ ବ୍ୟବସ୍ଥା


ଅଧିକାରୀମାନେ ବୃଦ୍ଧାଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୨୦।୫(ବି.ପ୍ର.)

**ଗୃହହୀନ ବୃଦ୍ଧାବୃଦ୍ଧଙ୍କୁ ସହାୟତା ଦେଲା ପ୍ରଶାସନ**

ଉନ୍ନୟନ କାମ ବେଳେ ବାସହୀନ ହୋଇଥିବା ଦୁଇଜଣ ବୃଦ୍ଧାବୃଦ୍ଧଙ୍କୁ ପ୍ରଶାସନ ସହାୟତା ଦେଇଛି। ପ୍ରଶାସନ ପକ୍ଷରୁ ସେମାନଙ୍କ ରହିବା ବ୍ୟବସ୍ଥା ବୃଦ୍ଧାଶ୍ରମରେ କରାଯାଇଛି।

ସୂଚନା ଅନୁଯାୟୀ, ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ ପଡିଆର ପାଚେରି ଭଙ୍ଗାଯାଇ ନୂତନ ପାଚେରି କାମ ଚାଲିଛି। ପାଚେରିକୁ ଲାଗି ଏକ ଝୁମ୍ପୁଡିରେ ଅଗାଧି ପାଇକରାୟ(୬୨) ଓ ଗଣେଶ ପାଇକରାୟ(୬୦) ୧୦ବର୍ଷ ହେବ ରହି ଆସୁଥିଲେ। ସରକାରଙ୍କ ପକ୍ଷରୁ ଭତ୍ତା ଓ ପଡିକାର୍ଡମଧ୍ୟ ପ୍ରଦାନ କରାଯାଇଛି। ତତ୍କାଳୀନ ଜିଲାପାଳ ସେମାନଙ୍କୁ ସେଠାରେ ରହିବାକୁ ସ୍ଥାନ ଦେଇଥିଲେ। ପାଚେରି ନିର୍ମାଣ ଓ ଉନ୍ନୟନ କାର୍ଯ୍ୟରେ ଘରଟି ବାଧକ ସାଜିଥିଲା। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଦୃଷ୍ଟି ପଡିବା ପରେ ଉପଜିଲାପାଳ ଭାସ୍କର ରଇତୋ, ତହସିଲଦାର ରବୀନ୍ଦ୍ର ରାଉତ, ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଅଗାଧି ଓ ଗଣେଶଙ୍କୁ ବୁଝାଇଥିଲେ। ସେମାନଙ୍କର କେହି ନ ଥିବା ଉଭୟ କହିଥିଲେ। ଏହାପରେ ସେମାନଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ନେଗେଟିଭ ଆସିବା ପରେ ନନ୍ଦାହଣ୍ଡି ବ୍ଲକ ମାଝିଗୁଡାସ୍ଥିତ ନିର୍ମଳ ବୃଦ୍ଧାଶ୍ରମରେ ସେମାନଙ୍କୁ ଥଇଥାନ କରାଯାଇଛି। ଉଭୟ ଆଜୀବନ ସେଠାରେ ରହିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜମିଜମା ବିବାଦରୁ ଗୋଷ୍ଠୀ ସଂଘର୍ଷ, ୧୩ ଆହତ

ଗୁଣପୁର,୨୦।୫(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ପୁରୁଣା ଗୁଣପୁରରେ ବୁଧବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ୧୩ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜମିଜମା ବିବାଦକୁ ନେଇ ବୁଧବାର ରାତିରେ ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ହତାହାତି ପରିସ୍ଥିତି


ଗିରଫ ୩ ଅଭିଯୁକ୍ତ।

ଉପୁଜିଥିଲା। ଏଥିରେ ୧୨ ଜଣ ଆହତ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ବ୍ରହ୍ମପୁର

**ଉଭୟ ଗୋଷ୍ଠୀର ୩ ଗିରଫ**

ବଡ଼ମେଡିକାଲକୁ ପଠାଯାଇଛି। ଘଟଣାକୁ ନେଇ ରାତିସାରା ଉତ୍ତେଜନା ଲାଗିରହିଥିଲା। ଗୁରୁବାର ଉତ୍ତ୍ୟକ୍ତ ଲୋକେ ଗୁଣପୁର ଥାନା ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ଗୁଣପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ଉଭୟ ଗୋଷ୍ଠୀର ୩ ଜଣଙ୍କୁ ଗିରଫ ରିଛି। ଅନ୍ୟ ସମ୍ପୃକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସ୍ଥାନୀୟ ଏସ୍‌ଡିପିଓ ଅଜୟ କୁମାର ବାରିକ ସୂଚନା ଦେଇଛନ୍ତି।

# ଆମ୍ବ, ବାଇଗଣ ବସ୍ତାରେ ଗଞ୍ଜେଇ: ୩ ଗିରଫ

ନନ୍ଦପୁର/କୁନ୍ଦୁରା,୨୦।୫ (ଡି.ଏନ.ଏ.)

କୋରାପୁଟ ଜିଲା ନନ୍ଦପୁର ପୋଲିସ ବୁଧବାର ଏକ ପିକଅପ ଭ୍ୟାନରୁ ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କର୍ଣ୍ଣାଟକ ରାଜ୍ୟ ବେଙ୍ଗାଲୁରର ଆବେଦ ପାସା, ସତୀଶ କୁମାର ଏବଂ ମାଦେଶ ରାଜୁ। ଜବତ ଗଞ୍ଜେଇର ପରିମାଣ ୩୭ କେଜି ୩ଶହ ଗ୍ରାମ ବୋଲି ଜଣାପଡିଛି। ଏସଡିପିଓ, ସଞ୍ଜୟ ମହାପାତ୍ର ଏବଂ ଆଇଆଇସି କପିଳେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ବ୍ଲକ କାର୍ଯ୍ୟାଳୟ ନିକଟରେ ଗାଡି ମୋଟର ଯାଞ୍ଚ ବେଳେ ଏହି ଗଞ୍ଜେଇ ଚୋରାଚାଲାଣ ଧରାପଡିଛି। ସନ୍ଦେହରେ ଭ୍ୟାନ(କେଏ ୦୫ ଏଏଚ୍- ୩୬୨୧)କୁ ଅଟକାଇ ଯାଞ୍ଚ କରିବାରୁ ଆମ୍ବ ଓ ବାଇଗଣ ବସ୍ତା ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା। କେସ ନମ୍ବର ୫୬/୨୧ରେ ମାମଲା ରୁଜୁ ହୋଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ତାତିଲେ ଗ୍ରାମବାସୀ, ଭାଙ୍ଗିଲେ ମଦ ବୋତଲ

କୋଷାଗୁମୁଡ଼ା, ୨୦।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଧୀନ ସନ୍ତୋଷପୁର ମୁଖ୍ୟ ରାସ୍ତାରେ ଥିବା ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରି ଆସୁଥିଲେ। ପ୍ରଶାସନ ନ ଶୁଣିବାରୁ ଗୁରୁବାର ଗ୍ରାମର ଶତାଧିକ ମହିଳା ପୁରୁଷ ଦୋକାନର ସବୁ ମଦ ବୋତଲ ଭଙ୍ଗାରୁଜା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଛି।

ସୂଚନା ଅନୁଯାୟୀ, ସନ୍ତୋଷପୁର ଗ୍ରାମରେ ଗୋଟିଏ ବିଦେଶୀ ମଦ ଦୋକାନ ରହିଛି। ଦୋକାନ ପାଖରେ ମଙ୍ଗଳ ବିଭାଗ ଆଶ୍ରମ ସ୍କୁଲ ଓ ଏହା


ଗ୍ରାମବାସୀ ଭାଙ୍ଗିଥିବା ମଦ ବୋତଲ।

ଗାଁର ମଧ୍ୟଭାଗରେ ରହିଛି। ସେଠାରେ ବିଭିନ୍ନ ସମୟରେ ଭିଡ଼ ଜମୁଥିବାରୁ ଗାଁର ମହିଳା ଓ ଯୁବତୀ ଉକ୍ତ ରାସ୍ତା ଦେଇ ଯା' ଆସ କରି ପାରୁନାହାନ୍ତି। ତେଣୁ ସେଠାରୁ

**ସ୍କୁଲ ତଥା ଗାଁ ମଝିରେ ଥିବା ମଦ ଦୋକାନକୁ ବିରୋଧ**

ମଦ ଦୋକାନ ଉଠାଇବାକୁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। କିଛିଦିନ ତଳେ ଗ୍ରାମବାସୀ ଉକ୍ତ ଦୋକାନର କର୍ମଚାରୀଙ୍କୁ ଅଟକ ରଖି ଦୋକାନ ବନ୍ଦ ଦାବିରେ ଆନ୍ଦୋଳନ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ଗ୍ରାମବାସୀ ଅଟକ କର୍ମଚାରୀଙ୍କୁ ଛାଡି ଦେଇଥିଲେ। ତଥାପି କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ଗୁରୁବାର ଦୋକାନ ଭିତରକୁ ପଶି ମଦ ସବୁକୁ ବାହାରକୁ ଆଣି ଭଙ୍ଗାରୁଜା କରିଥିଲେ। କୋଷାଗୁମୁଡା ପୋଲିସ ପୁଣି ଲୋକଙ୍କୁ ବୁଝାଶୁଝା କରିଥିବା ସୂଚନା ମିଳିଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ କାହିଁକି ଚୁପ୍ ବସିଛି ଲୋକେ ତାହା ପ୍ରଶ୍ନ କରିଛନ୍ତି।


Office of District Manager

**ODISHA STATE CIVIL SUPPLIES CORPORATION LTD. (OSCSC)**

Cuttack (District) Phone : 0671-2507744

District Web site : www.cuttack.nic.in

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd/-**
**District Manager,**
**OSCSC Ltd, Cuttack**


# ଡଙ୍ଗରିଆଙ୍କୁ ସଚେତନ କଲେ ଉପଜିଲାପାଳ

ରାୟଗଡ଼ା ଅଫିସ,୨୦।୫–

ରାୟଗଡ଼ା ଜିଲାର ନିୟମଗିରି ପାଦଦେଶରେ ବସବାସ କରୁଥିବା ଡଙ୍ଗରିଆଙ୍କ ମଧ୍ୟରେ କରୋନା ସଂକ୍ରମଣ ବ୍ୟାପିବା ଜଣାପଡ଼ିବା ପରେ ଜିଲା ପ୍ରଶାସନ ସତର୍କ ହୋଇଛି। ସଂକ୍ରମଣ ରୋକିବାକୁ ଟେଷ୍ଟିଂ, ଗୃହ ସଙ୍ଗରୋଧରେ ରଖି ଚିକିତ୍ସା ଏବଂ କୋଭିଡ୍ ଗାଇଡ୍‌ଲାଇନ ବିଷୟରେ ସଚେତନ କରାଯାଉଛି। ଗୁରୁବାର ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଜିଲାର କଲ୍ୟାଣସିଂହପୁର ବ୍ଲକ୍ ପାର୍ସାଲି ପଞ୍ଚାୟତ କାଡ୍ରାକାବଣ୍ଡଲି ଗ୍ରାମକୁ ଯାଇ ଡଙ୍ଗରିଆଙ୍କୁ ସଚେତନ କରିଛନ୍ତି। ଶୁକ୍ରବାରଠାରୁ ୭ ମେଡିକାଲ ଟିମ୍ କାଡ୍ରାକାବଣ୍ଡେଲି ସମେତ



ଅନ୍ୟ ଗାଁରେ ମଧ୍ୟ ସର୍ଭେ କରିବେ। ଜ୍ୱର, କାଶ, ଥଣ୍ଡା ଲକ୍ଷଣ ଥିଲେ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

ପ୍ରକାଶ ଯେ, ଉପଜିଲାପାଳ ୧୫୦ରୁ ଊର୍ଦ୍ଧ୍ୱ ଡଙ୍ଗରିଆ ରହୁଥିବା କାଡ୍ରାକାବଣ୍ଡଲ ଗ୍ରାମରେ ଲୋକଙ୍କୁ ଠିକ୍‌ଭାବେ ମାସ୍କ ପିନ୍ଧିବା ଶିଖାଇଛନ୍ତି। ସେହିପରି ଶାରୀରିକ ଦୂରତା ରଖିବା, ବାରମ୍ବାର ସାବୁନରେ ହାତ ଧୋଇବା, ସାନିଟାଇଜ ବ୍ୟବହାର ଏବଂ ଜନଗହଳି ସ୍ଥାନରୁ ଦୂରେଇ ରହିବାକୁ ବୁଝାଯାଇଛି। ଗାଁରେ କାହାଠାରେ ଜ୍ୱର, କାଶ, ଥଣ୍ଡା, ମୁଣ୍ଡବିନ୍ଧା ଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇବା ସହ ସ୍ୱାବ୍ ପରୀକ୍ଷା ଓ ଚିକିତ୍ସାରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଗାଁରେ ଶୁକ୍ରବାର ହେବାକୁ ଥିବା ଏକ ବିବାହ କାର୍ଯ୍ୟକ୍ରମରେ ଭୋଜିଭାତ ନ କରିବାକୁ ଉକ୍ତ ପରିବାରକୁ ଉପଜିଲାପାଳ ବୁଝାଇଛନ୍ତି। ଭୋଜିଭାତ କରିବେ ନାହିଁ ଏବଂ ସ୍ୱାବ୍ ପରୀକ୍ଷାରେ ସହଯୋଗ କରିବେ ବୋଲି ଗ୍ରାମବାସୀ ପ୍ରତିଶ୍ରୁତି ଦେଇଥିବା ପ୍ରଶାସନ ସୂଚନା ହେଇଛି। ସେହିପରି ତେବାପଡ଼ା, ଜାମାପୁର ଓ ପାର୍ସାଲି ଗ୍ରାମରେ ମଧ୍ୟ ଉପଜିଲାପାଳ ଲୋକଙ୍କୁ ସଚେତନ କରିଛନ୍ତି। ଉପଜିଲାପାଳଙ୍କ ଗସ୍ତବେଳେ ଆଇଡିଏ ପିଏ ଟୁକୁ ବାରିକ, ପୂର୍ବତନ ଡିଆଇପିଆର୍‌ଓ ଜଳନ୍ଧର ପୁଟିକା, କଲ୍ୟାଣସିଂହପୁର ବିଡିଓ ଓ ସିଡିପିଓ ଉପସ୍ଥିତ ଥିଲେ।


Odisha Coal and Power Limited OCPL

**ODISHA COAL AND POWER LTD.**

**(A GOVT. OF ODISHA COMPANY)**

**Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha., Tel No: 0674-2300654 /2300664**

**SHORT NOTICE INVITING TENDER**

NITNo:OCPL/SER-124/2021

Date: 21/05/2021

Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: a.kanungo@ocpl.org.in.

**Sd./- Addl. General Manager (C&CA)**

## ସଂକ୍ଷେପରେ

### ଠିକାଦାର ହତ୍ୟା ଘଟଣା: ଏସ୍‌ଆଇଟି ଟିମ୍ ଗଠିତ

ସେମିଳିଗୁଡା, ୨୦।୫(ସ୍ୱ.ପ୍ର.) - କୁନ୍ଦୁଲି ଠିକାଦାର ହତ୍ୟା ଘଟଣାର ତଦନ୍ତ ପାଇଁ ଏସ୍‌ଆଇଟି ଟିମ୍ ଗଠନ ହୋଇଛି। ଏହି ଟିମରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ ରଞ୍ଜନ ଦାଶ, ସୁନାବେଡା ଏସଡିପିଓ ନିରଞ୍ଜନ ବେହେରା,ପଟ୍ଟାଙ୍ଗି ଥାନା ଅଧିକାରୀ କୈବଲ୍ୟ ସେଠ, ସେମିଳିଗୁଡା ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ଏବଂ ଦାମନଯୋଡି ଥାନା ଅଧିକାରୀ ସମ୍ବିତ କୁମାର ବେହେରା ରହିଛନ୍ତି। ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

### ମାଲକାନଗିରି: ୧୧୦ କରୋନା ସଂକ୍ରମିତ ଚିହ୍ନଟ

ମାଲକାନଗିରି,୨୦।୫(ଡି.ଏନ.ଏ.)- ମାଲକାନଗିରି ଜିଲାରେ ଗୁରୁବାର ୧୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୧୫କୁ ବୃଦ୍ଧି ପାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୧୭ ଜଣ, ବାଲିମେଳା ଏସ୍‌ଏସିରୁ ୪, ମାଲକାନଗିରି ବ୍ଲକରୁ ୧୫, କୋରୁକୋଣ୍ଡା ବ୍ଲକରୁ ୭, ମାଥିଲି ବ୍ଲକରୁ ୨୫, ଖଇରପୁଟ ବ୍ଲକରୁ ୧୫, କାଲିମେଳା ବ୍ଲକରୁ ୧୫, ପଡ଼ିଆ ବ୍ଲକରୁ ୮ ଓ ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଜିଲାରେ ୨୬୬ ପଜିଟିଭ ଚିହ୍ନଟ

କୋରାପୁଟ,୨୦।୫(ସ୍ୱ.ପ୍ର)- କୋରାପୁଟ ଜିଲାରେ ଗୁରୁବାର କରୋନାରେ ୨୬୬ ଜଣ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୫୫୨ରେ ପହଞ୍ଚିଛି। ଚିହ୍ନଟଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ସର୍ବାଧିକ ୨୬ ଜଣ ଚିହ୍ନଟ ହୋଇଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୨୧, ସୁନାବେଡା ପୌରାଞ୍ଚଳରୁ ୨୦ ଓ କୋଟପାଡ ଏନ୍‌ଏସିରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାର କୁନ୍ଦୁରା ବ୍ଲକ ଅଞ୍ଚଳରୁ ୨୪, ବୋରିଗୁମ୍ମା ବ୍ଲକରୁ ୩୨, ବୈପାରିଗୁଡା ବ୍ଲକରୁ ୫, ବନ୍ଧୁଗାଁ ବ୍ଲକରୁ ୩, ଦଶମନ୍ତପୁର ବ୍ଲକରୁ ୧୩, ଜୟପୁର ବ୍ଲକରୁ ୧୬, କୋରାପୁଟ ବ୍ଲକରୁ ୧୭, କୋଟପାଡ ବ୍ଲକରୁ ୧୨, ଲମତାପୁଟ ବ୍ଲକରୁ ୫, ଲକ୍ଷ୍ମୀପୁର ବ୍ଲକରୁ ୨୧, ନନ୍ଦପୁର ବ୍ଲକରୁ ୧୮, ନାରାୟଣପାଟଣା ବ୍ଲକରୁ ୮, ପଟ୍ଟାଙ୍ଗୀ ବ୍ଲକରୁ ୧୦ ଓ ସେମିଳିଗୁଡା ବ୍ଲକରୁ ୧୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବିନା ଭକ୍ତରେ ମଦନ ମୋହନଙ୍କ ଚାପଖେଳ



ଦାମନଯୋଡି,୨୦।୫(ଡି.ଏନ.ଏ.)- ନାଲକୋ ଟାଉନଶିପ୍ ଜଗନ୍ନାଥ ମନ୍ଦିର ପରିସରରେ ମଦନ ମୋହନଙ୍କ ଚାପଖେଳ ଗୁରୁବାର ଷଷ୍ଠ ଦିନରେ ପହଞ୍ଚିଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ପର୍ବ ୨୧ ଦିନ ଧରି ଚାଲିବ। ଚଳିତଥର କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ କେବଳ ପୂଜକଙ୍କ ଦ୍ୱାରା ନୀତିକାନ୍ତି ସମ୍ପନ୍ନ ହେଉଛି। ଅପରାହ୍ନରେ ମଦନ ମୋହନଙ୍କୁ ମନ୍ଦିରରୁ ଅଣାଯାଇ ଏକ ସୁସଜ୍ଜିତ ଡଙ୍ଗାରେ ପୂଜାର୍ଚ୍ଚନା କରି ଡଙ୍ଗାରେ ନରେନ୍ଦ୍ର ପୁଷ୍କରଣୀରେ ଚାପ ଖେଳାଯାଉଛି। ପୂଜକ ଅଜୟ ପଣ୍ଡା, ପ୍ରଭାତ ରଥ,ଅମିୟ ସାମନ୍ତରାୟ ଓ ନିଳାଞ୍ଚଳ ମହାପାତ୍ର ଠାକୁରଙ୍କ ନୀତିକାନ୍ତି କରୁଛନ୍ତି। ପୂର୍ଣ୍ଣଚନ୍ଦ୍ର ମୁଦୁଲି, ଆରଏନ ମୁଦୁଲି, ଈଶ୍ୱର ମୁଦୁଲି, ପ୍ରକାଶ ଦାଶଙ୍କ ସମେତ ଅନ୍ୟମାନେ ସହଯୋଗ କରୁଛନ୍ତି।

### ସାନ ପରେ କରୋନାରେ ବଡ଼ଭାଇ ମୃତ

ପାରଳାଖେମୁଣ୍ଡି,୨୦।୫(ଡି.ଏନ୍.ଏ.)- ସାନଭାଇ ଅନ୍ତେଷ୍ଟିକ୍ରିୟା ନ ସରୁଣୁ ବଡ଼ଭାଇଙ୍କ କରୋନାରେ ମୃତ୍ୟୁ ଘଟିଛି । ପାରଳାଖେମୁଣ୍ଡି ରାଜଦାଣ୍ଡ ସାହିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ୯ଦିନ ମଧ୍ୟରେ କରୋନାରେ ୨ ଭାଇଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ରାଜଦାଣ୍ଡ ସାହିର ନାଗେଶ୍ୱର ପ୍ରସାଦ ପାଣିଗ୍ରାହୀ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ଗତ ୧୦ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ଠିକ ୯ ଦିନରେ ଅର୍ଥାତ୍ ବୁଧବାର ସେହି ହସ୍ପିଟାଲରେ ନାଗେଶ୍ୱରଙ୍କ ବଡ଼ଭାଇ ତଥା ଖଣି ଓ ସୁରକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀଙ୍କ ଦେହାନ୍ତ ହୋଇଛି। ନିଜର ଦୁଇ ଭାଇଙ୍କ ବିୟୋଗରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାଣିଗ୍ରାହୀ ମର୍ମାହତ ହୋଇଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜାତୀୟ ରାଜପଥ ଅବରୋଧ

ପଟ୍ଟାଙ୍ଗୀ/ସେମିଳିଗୁଡ଼ା, ୨୦।୫(ଡି.ଏନ.ଏ./ସ୍ୱ.ପ୍ର.)



ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଥିବା ପରିବାର ଲୋକେ।

**ଠିକାଦାରଙ୍କୁ ହତ୍ୟା ଘଟଣା**
- ୧୫ ଦିନ ମଧ୍ୟରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ
- ଚାନ୍ଦା ଦେବାକୁ ମନା କରିବାରୁ ଘଟିଛି ହତ୍ୟାକାଣ୍ଡ
- ମୃତକ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ସଢ଼ୁ

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ କୁନ୍ଦୁଲି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଠିକାଦାର ରାମନନ୍ଦନ ଖିଲଙ୍କୁ ହତ୍ୟା କରାଯାଇଥିଲା। ଏହାର ପ୍ରତିବାଦରେ ଗୁରୁବାର ୩ ଗ୍ରାମ ଯଥା ମାଳିଗଞ୍ଜା, କୁତୁଗାଁ ଏବଂ କୁନ୍ଦୁଲି ହାଟପଦା ଗ୍ରାମର ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପଟ୍ଟାଙ୍ଗୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ପରେ ସୁନାବେଡା ଏସ୍‌ଡିପିଓ ଦାୟିତ୍ୱରେ ଥିବା ଡିଏସ୍‌ପି ନିରଞ୍ଜନ ବେହେରା, ସେମିଳିଗୁଡା ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ଦାମନଯୋଡି ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ପଟ୍ଟାଙ୍ଗୀ ଥାନା ଅଧିକାରୀ କୈବଲ୍ୟ ସେଠ ପହଞ୍ଚି ୧୫ ଦିନ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ଠିକାଦାର ରାମନନ୍ଦନ ଖିଲଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପଟ୍ଟାଙ୍ଗୀ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ସଢ଼ୁ ରାମ ଉଠା ଜଳସେଚନ ବିଭାଗରୁ ଏଲ୍‌ଆଇ ପଏଣ୍ଟ ନିର୍ମାଣ ଲାଗି କାର୍ଯ୍ୟାଦେଶ ପାଇଥିଲେ। ସେ କୁନ୍ଦୁଲି ଗ୍ରାମରେ କାର୍ଯ୍ୟ କରୁଥିବା ସମୟରେ କେତେଜଣ ଯୁବକ ପହଞ୍ଚି ତାଙ୍କୁ ୫୦ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ରାମ ସେମାନଙ୍କୁ ଟଙ୍କା ଦେବାକୁ ମନା କରିଥିଲେ। ଫଳରେ ଏନେଇ ରାମ ଓ ସମ୍ପୃକ୍ତ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସମ୍ପୃକ୍ତ ଯୁବକମାନେ ରାମଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ ବୋଲି ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସତ୍ୟ ସାଉଁନ୍ତା ବୋଲି କୁହାଯାଉଛି। ତାଙ୍କ ସହଯୋଗରେ ଅନିଲ ଦୁରିଆଙ୍କ ସହ ଅନ୍ୟ ୩ଜଣ ରାମଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ରହିଥିବା ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ମାମଲାର ତଦନ୍ତ ଜାରି ରହିଛି। ହତ୍ୟାକାଣ୍ଡରେ ୫ରୁ ୭ ଜଣ ବ୍ୟକ୍ତି ସାମିଲ ରହିଥିବା ପରିବାର ଲୋକେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଓ ହସ୍ପିଟାଲକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପଟ୍ଟାଙ୍ଗୀ ଥାନା ଅଧିକାରୀ ସେଠ କହିଛନ୍ତି।

# ଘଟଣା ସ୍ଥଳରେ ପହଞ୍ଚିଲା ଇଆର୍‌ଭି ଟିମ୍

ଜୟପୁର, ୨୦।୫ (ନି.ପ୍ର.)

**ଘାଟିରେ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଖସିପଡ଼ିବା ଘଟଣା**

ଜୟପୁର ଦେଇଯାଇଥିବା ୨୬ନଂ ଜାତୀୟ ରାଜପଥର କୋରାପୁଟ ଘାଟିର କାଳୀ ଭୈରବୀ ମନ୍ଦିର ନିକଟରେ ବୁଧବାର ଏକ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡିଥିଲା। ଫଳରେ ଟ୍ୟାଙ୍କର ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ଓଡ୍ରାଫ ଟିମ୍ ପହଞ୍ଚି ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରିଥିଲା। ଗୁରୁବାର ଜିଲା ପ୍ରଶାସନ ନିର୍ଦ୍ଦେଶରେ ବିଶାଖାପାଟଣାର ଇମରଜେନ୍ସି ରେସପନ୍‌ଶିପ ଭେଇକଲ୍‌ର ଏକ ବୈଷୟିକ ଟିମ୍ ପହଞ୍ଚିଛନ୍ତି। ଏହି ଟିମ୍ ଟ୍ୟାଙ୍କରରେ ଥିବା ଗ୍ୟାସ୍‌କୁ ଅନ୍ୟ ଏକ ଖାଲି ଟ୍ୟାଙ୍କରକୁ ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଟ୍ୟାଙ୍କରରେ ୧୪ ଟନ୍ ଗ୍ୟାସ୍ ରହିଥିଲା। ଖବର ଲେଖା ହେବା ବେଳକୁ ୪ ଟନ୍ ଗ୍ୟାସ୍ ଖାଲି ଟ୍ୟାଙ୍କରକୁ ସ୍ଥାନାନ୍ତର କରାଯାଇପାରିଛି। ଶୁକ୍ରବାର ପୁଣି ଏହି ଗ୍ୟାସ୍ ଖାଲି ଟ୍ୟାଙ୍କରକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିବ। ୨୫ ଫୁଟ୍ ଉପରକୁ ଗ୍ୟାସ୍ ଉଠିବା ଅସୁବିଧା ହେଉଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଛି। ଦାମନଯୋଡି ନାଲ୍‌କୋର ଏକ କ୍ରେନ୍, ଜୟପୁରର ଏକ କ୍ରେନ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ସେମାନଙ୍କୁ ଓଡ୍ରାଫ ଟିମ୍ ସହଯୋଗ କରୁଛି। ଘଟଣା ସ୍ଥଳରେ ଜୟପୁର ଉପଜିଲାପାଳ ହେମକାନ୍ତ ସାୟ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲି ଆମ୍ବା, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଅଧିକାରୀ, ପୋଲିସ ଓ ଦମକଳ ବିଭାଗ କର୍ମଚାରୀ ଉପସ୍ଥିତ ଅଛନ୍ତି । ବୁଧବାର ଏହି ଘାଟି ନିକଟରେ ଏକ ଟ୍ରକ୍ ଅଚଳ ହୋଇରହିଥିଲା। ସେହି ଟ୍ରକ୍‌କୁ ସାଇଡ କରି ଉକ୍ତ ଗ୍ୟାସ୍ ବୋଝେଇ ଟ୍ୟାଙ୍କରଟି ଯିବା ବେଳେ ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡିଥିଲା। ଏହି ଟ୍ୟାଙ୍କର ବିଶାଖାପାଟଣାରୁ ରାୟପୁର ଯାଉଥିଲା। ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ଅବା ବ୍ଲାଷ୍ଟ ହେବା ଆଶଙ୍କାରେ ଦମକଳ ବିଭାଗ କର୍ମଚାରୀ ଟ୍ୟାଙ୍କରରେ ପାଣି ପକାଇ ଥଣ୍ଡା ରଖିଛନ୍ତି।

# ୩ ମାସ ହେଲା ମାଣ୍ଡିଆ ବିକି ଟଙ୍କା ପାଇନାହାନ୍ତି ଚାଷୀ

କୋରାପୁଟ,୨୦।୫(ସ୍ୱ.ପ୍ର.)



ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

କୋରାପୁଟ ଜିଲାରେ ମିଲେଟ ମିଶନ ଜରିଆରେ ବ୍ଲକର ୪ଟି ପଞ୍ଚାୟତର ଚାଷୀ ଟିଡିସିସିଓଏଲକୁ ମାଣ୍ଡିଆ ଦେଇ ୩ ମାସ ହେଲା ଟଙ୍କା ପାଇନାହାନ୍ତି। ଏନେଇ ସେମାନେ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ନିମାଇଁ ସରକାରଙ୍କ ନେତୃତ୍ୱରେ ଲମତାପୁଟ ବ୍ଲକ ବନମାଳିପୁଟ, ଉମ୍ବେଲ, ଟିକରପଦା ଓ କୁମରଗନ୍ଧଣା ପଞ୍ଚାୟତର ଚାଷୀ ୧୦୮ କୁଇଣ୍ଟାଲ ୮୦ କେଜି ମାଣ୍ଡିଆ ଫେବୃଆରୀ ୨୭ରେ ହାଟସୁକୁ ମଣ୍ଡିରେ ଓଡିଶା ମିଲେଟ ମିଶନ ଓ ଟିଡିସିସିଓଏଲକୁ ଦେଇଥିଲେ।। ବର୍ତ୍ତମାନ ସୁଦ୍ଧା କର୍ତ୍ତୃପକ୍ଷ ମାଣ୍ଡିଆ ବାବଦ ଟଙ୍କା ଦେଇନାହାନ୍ତି। ଆସନ୍ତା ବର୍ଷ ମାଣ୍ଡିଆ ଟଙ୍କା ଦେବାକୁ କହୁଛନ୍ତି। ଏହା ଶୁଣି ୪ ପଞ୍ଚାୟତର ଚାଷୀ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି। ଟଙ୍କା ନ ପାଇଲେ ଋଣ କିପରି ଶୁଝିବୁ, ଚଳିବୁ କିପରି ବୋଲି ଉଲ୍ଲେଖ କରିଛନ୍ତି। ଟଙ୍କା ନ ପାଇଲେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ମାଧବ ଶିଶା, ଶ୍ୟାମ ସୁନ୍ଦର ପ୍ରଧାନ, ମନୋହର ପ୍ରଧାନ, ପ୍ରକାଶ ଖିଲ, ସୁକୁ ହନ୍ତାଳ, ପରଦେଶୀ ହନ୍ତାଳ, ମଧୁସୁଦନ ଦୋରା , ପଦଲାମ ପାଙ୍ଗି, ହରି କିରସାନୀ, ସନୁ ଆଲାଙ୍ଗ, ବିଶ୍ୱମ୍ଭର ପାଙ୍ଗି, ଭଗବାନ ହନ୍ତାଳ, ଅର୍ଜୁନ ଶିଶା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱଜିତ ବୋରିଗୁମ୍ମା, ଅଶ୍ୱିନୀ କୁନ୍ଦୁରା ଥାନା ଅଧିକାରୀ

ବୋରିଗୁମ୍ମା/କୁନ୍ଦୁରା,୨୦।୫ (ଡି.ଏନ.ଏ)

କୋରାପୁଟ ଜିଲା ବୋରିଗୁମ୍ମା ଥାନାର ନୂତନ ଥାନା ଅଧିକାରୀ ଭାବେ ବିଶ୍ୱଜିତ ମହାନ୍ତି ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଥାନାରେ କାର୍ଯ୍ୟରତ ଥାନା ଅଧିକରୀ ସଞ୍ଜୟ କୁମାର ମଣ୍ଡଳଙ୍କ ଜୟପୁର ଟାଉନ ଥାନାକୁ ବଦଳି ହୋଇଛି। ମହାନ୍ତି ୨୦୦୧ରେ ଏସଆଇ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଜଗତସିଂହପୁର, ପାରାଦୀପ, କୁଜଙ୍ଗ, ପାଟକୁରା ବଡମ୍ବା, ସାଲେପୁର,କଟକ ଓ ଭୁବନେଶ୍ୱରର ଇନ୍ଫୋସିସ୍ ଥାନାରେ କାର୍ଯ୍ୟ କରିଛନ୍ତି। ଦାୟିତ୍ୱ ଗ୍ରହଣ ଅବସରରେ ଟ୍ରାଫିକ ସମସ୍ୟା ସୁଧାରିବା ଏବଂ ଗରିବ ଲୋକଙ୍କୁ ନ୍ୟାୟ ଦେବା ତାଙ୍କର ପ୍ରାଥମିକତା ହେବ



ବୋଲି ମହାନ୍ତି କହିଛନ୍ତି। ସେହିପରି କୁନ୍ଦୁରା ବ୍ଲକ ଥାନା ଅଧିକାରୀ ଭାବେ ଗୁରୁବାର ଅଶ୍ୱିନୀ ପଟ୍ଟନାୟକ ଦାୟିତ୍ୱ ନେଇଛନ୍ତି। ଏହା ପୂର୍ବରୁ ସେ ନବରଙ୍ଗପୁର ଥାନାରେ କାର୍ଯ୍ୟ କରୁଥିଲେ। ଆଇନ ଶୃଙ୍ଖଳା ରକ୍ଷା ସହ ଗଞ୍ଜେଇ ଚୋରାଚାଲାଣ, ରୋଡ ରେମିଓ ଏବଂ ଡକାୟତି ଘଟଣା ରୋକିବା ତାଙ୍କ କାର୍ଯ୍ୟର ପ୍ରାଥମିକତା ହେବ ବୋଲି କହିଛନ୍ତି।

# ରାଜସ୍ୱ ରଥ ବାଣ୍ଟିଲା ଜମି ପଟ୍ଟା, ପ୍ରମାଣପତ୍ର



ଜଣେ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

କୋରାପୁଟ,୨୦।୫(ସ୍ୱ.ପ୍ର.)

ଜିଲାବାସୀଙ୍କୁ ଘରେ ରାଜସ୍ୱ ସେବା ଯୋଗାଇବା ଦେବା ଉଦ୍ଦେଶ୍ୟରେ ଜିଲାରେ ଆରମ୍ଭ ହୋଇଛି ରାଜସ୍ୱ ରଥ ସେବା । କୋରାପୁଟ ତହସିଲରେ ଆରମ୍ଭ ହୋଇଥିବା ଏହି ରାଜସ୍ୱ ସେବାକୁ ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ରଞ୍ଜନ କୁମାର ମାନସେଠ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଏହି ରଥ ଦଳେଇପୁଟ ଗ୍ରାମରେ ୭ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲା। କୋରାପୁଟ ଅତିରିକ୍ତ ତହସିଲଦାର ସସ୍ମିତା କୁମାରୀ ଜେନା, ରାଜସ୍ୱ ସୁପରଭାଇଜର ଗୋଲେଖ ବିହାରୀ ପରିଡା, ରାଜସ୍ୱ ନିରୀକ୍ଷକ ଦେବାନନ୍ଦ ବେହେରା ପ୍ରମୁଖ ମହାଦେଇପୁଟ ରାଜସ୍ୱ ମଣ୍ଡଳର ଦଳେଇପୁଟ ଗ୍ରାମର ହିତାଧିକାରୀଙ୍କ ଘରେ ପହଞ୍ଚି ପଟ୍ଟା ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କରୋନା ମହାମାରୀ ସମୟରେ ପଟ୍ଟା, ପ୍ରମାଣପତ୍ର ସହିତ ଜରରୀ କାଗଜପତ୍ର ଆବଶ୍ୟକ କରୁଥିବା ହିତାଧିକାରୀମାନେ ଘରେ ରହି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଏହି ସୁବିଧା ନେଇ ପାରିବେ ବୋଲି ଅତିରିକ୍ତ ତହସିଲଦାର ଜେନା କହିଛନ୍ତି।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ସଚେତନତା ଶିବିର

ମାଲକାନଗିରି,୨୦।୫(ଡି.ଏନ.ଏ.)

ମାଲକାନଗିରି ସଦର ମହକୁମାସ୍ଥିତ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟଠାରେ ଅନ୍‌ଲାଇନ ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ତଥା ଅତିରିକ୍ତ ଜିଲା ଜଜ୍ କୃଷ୍ଣଚନ୍ଦ୍ର ନାୟକ ଏବଂ ତାଲିମପ୍ରାପ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଅନ୍‌ଲାଇନ ମାଧ୍ୟମରେ ସଚେତନ କରିଥିଲେ। କଠିନ ବର୍ଜ୍ୟବସ୍ତୁର ପରିଚାଳନା କିପରି କରାଯାଇ ତାହାର ସଦୁପଯୋଗ କରାଯିବ ସେନେଇ ଅନ୍‌ଲାଇନ୍ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କଠିନ ବର୍ଜ୍ୟବସ୍ତୁ ଏବଂ ତରଳ ବର୍ଜ୍ୟବସ୍ତୁକୁ କିପରି ଅଲଗା ରଖି ତାହାର ନିଷ୍କାସନ କରାଯିବ ତା' ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାବ୍ୟତୀତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା, ଓଡିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା ଉପରେ ଜନସାଧାରଣଙ୍କୁ ସେ ଅବଗତ କରାଇଥିଲେ। ପାରିବାରିକ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଲିଙ୍ଗ ଚୟନ କ୍ଷେତ୍ରରେ ଜଣେ ମହିଳା କିପରି ନିଜକୁ ସୁରକ୍ଷିତ ରଖିପାରିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା।

# ଏଣିକି ୧୪୦ ବଦଳରେ ୨୪୦ ଟଙ୍କାର ଖାଦ୍ୟ

ଗୁଣପୁର,୨୦।୫(ଡି.ଏନ୍.ଏ.)

- ଗୁଣପୁର ସିସିସିରେ ନିମ୍ନମାନର ଖାଦ୍ୟ ଅଭିଯୋଗ
- ସିସିସିରୁ ଆସିଲା ସଂକ୍ରମିତଙ୍କ ଭିଡିଓ

ରାୟଗଡ଼ା ଜିଲା ଗୁଣପୁର ଆଦର୍ଶ ବିଦ୍ୟାଳୟସ୍ଥିତ କୋଭିଡ୍ କେୟାର ସେଣ୍ଟର(ସିସିସି)ରେ ସଂକ୍ରମିତଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଉକ୍ତ କୋଭିଡ୍ କେୟାର ସେଣ୍ଟରରେ ଥିବା ଜଣେ ସଂକ୍ରମିତ ଏ ନେଇ ଏକ ଭିଡିଓ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କୁ ସିସିସି ପକ୍ଷରୁ ଦିଆଯାଇଥିବା ଖାଦ୍ୟକୁ ସେ ଭିଡିଓରେ ଦେଖାଇବା ସହ ତାହାର ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ଖାଦ୍ୟ ଖାଇ ଜଣେ ସଂକ୍ରମିତଙ୍କ ସୁସ୍ଥ ହୋଇପାରିବ ନାହିଁ ବୋଲି ସେ ଏଥିରେ କହୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ସାମ୍ନାକୁ ଆସିବାପରେ ଗୁଣପୁର ଉପଜିଲାପାଳ ସୋନାଲ ଜେନା ଗୁରୁବାର ଉକ୍ତ ସିସିସିକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ଭିଡିଓକୁ ନେଇ ପୌର ପରିଷଦ ନର୍ବାହୀ ଅଧିକାରୀ ଉମା ପ୍ରସାଦ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଜଣେ ରୋଗୀଙ୍କ ଖାଦ୍ୟ ପିଛା ଦୈନିକ ୧୪୦ ଟଙ୍କା ଖର୍ଚ୍ଚ ହେଉଛି। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାରଠାରୁ ଏହାକୁ ୨୪୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।

# ଯୌତୁକଜନିତ ହତ୍ୟା ଅଭିଯୋଗ: ସ୍ୱାମୀ ଫେରାର୍, ୫ ଅଟକ

ଆସିକା,୨୦।୫(ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ଖାରିଗୁଡା ଗ୍ରାମ ଶ୍ମଶାନରୁ ପୋଲିସ ଗୁରୁବାର ଜଣେ ମହିଳାଙ୍କ ଦରପୋଡ଼ା ମୃତଦେହ ଜବତ କରିଛି । ସେ ହେଲେ ଉକ୍ତ ଗ୍ରାମର ପିଣ୍ଟୁ ଗୌଡଙ୍କ ସ୍ତ୍ରୀ ଶିବାନୀ । ମୃତଦେହ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡମେଡିକାଲ ଏଫଏମଟି ବିଭାଗକୁ ପଠାଯାଇଛି। ଏହା ଯୌତୁକଜନିତ ହତ୍ୟା ବୋଲି ଶିବାନୀଙ୍କ ବାପା ମକରାପଲ୍ଲୀ ଗ୍ରାମର ସତ୍ୟନାରାୟଣ ଗୌଡ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ନଂ.୨୦୬/୨୧ରେ ଏକ ମାମଲା ରୁଜୁ କରିଛି। ଏହି ମାଲାରେ ଶିବାନୀଙ୍କ ସ୍ୱାମୀ ଫେରାର ଥିବାବେଳେ ଅନ୍ୟ ୫ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।

ଗତବର୍ଷ ଜୁଲାଇରେ ମକରାପଲ୍ଲୀ ଶିବାନୀଙ୍କର ପିଣ୍ଟୁଙ୍କ ସହ ବୈଦିକ ନିତିନିୟମ ମୁତାବକ ଜାନିଯୌତୁକ ଦେଇ ବିବାହ ହୋଇଥିଲା । ବିବାହ ପରେ ଟିିମିତ ଅଧିକ ଯୌତୁକ ଲାଗି ଶିବାନୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା । ଗତ ୧୫ ଦିନ ତଳେ ବାପା ପ୍ରାୟ ୩ ଲକ୍ଷ ଟଙ୍କାର ସମସ୍ତ ଘରକରଣା ଜିନିଷ ଶିବାନୀଙ୍କ ଶାଶୁ ଘରକୁ ଆଣିଥିଲେ । ଆଉ ଅଧିକ ଯୌତୁକ ପାଇଁ ବୁଧବାର ରାତିରେ ଶିବାନୀଙ୍କୁ ଶାଶୁଘର ଲୋକେ ମାରିଦେଇ କୂଅରେ ପକାଇଥିଲେ। ଶିବାନୀ କୁଅରେ ପଡିଯାଇଥିବା ନେଇ କୁହାଯାଇଥିଲା । ଗୁରୁବାର ଭୋରରେ ମୃତଦେହକୁ କୁଅରୁ ଉଦ୍ଧାର କରି ଗ୍ରାମ ଶ୍ମଶାନରେ ସତ୍କାର କରାଯାଉଥିଲା। ଏହି ଖବର ପାଇ ଶିବାନୀଙ୍କ ମା,ବାପା ସଖାରିଗୁଡା ଗ୍ରାମରେ ପହଞ୍ଚି ସ୍ଥିତି ଜାଣିବା ପରେ ପୋଲିସରେ ଅଭିଯୋଗ କରିଛନ୍ତି ।

# ୨ ବାଲ୍ୟବିବାହ ରୋକିଲା ପ୍ରଶାସନ

ପାରଳାଖେମୁଣ୍ଡି,୨୦।୫(ଡି.ଏନ୍.ଏ.)

କାଶୀନଗର ବ୍ଲକ କେ.ସୀତାପୁର ଗ୍ରାମରେ ହେବାକୁ ଥିବା ୨ଟି ବାଲ୍ୟବିବାହକୁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ଚାଇଲ୍ଡ ଲାଇନକୁ ସୂଚନା ମିଳିଥିଲା। ଏହାପରେ ଶିଶୁ କଲ୍ୟାଣ ସମିତିର ସଦସ୍ୟା ଅଲକା ସାହୁ, ଆଇସିଡିଏସ ସୁପରଭାଇଜର୍ ରୀନା କୁମାରୀ ବେହେରା, କାଶୀନଗର ଥାନା ଏସଆଇ ରତ୍ନନିଧି ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟା ପ୍ରମୁଖଙ୍କୁ ନେଇ ଗଠିତ ଟିମ୍ ଉକ୍ତ ଗ୍ରାମକୁ ଯାଇ ୨ ନାବାଳିକାଙ୍କ ବିବାହ ରୋକିଥିଲେ।

# କୁଡୁମୁଲୁଗୁମ୍ମାରେ କୋଭିଡ୍ ସଚେତନତା ରଥ ଉଦ୍‌ଘାଟିତ

କୁଡୁମୁଲୁଗୁମ୍ମା,୨୦।୫

ଉତ୍କଳ ସାମ୍ବାଦିକ ସଂଘ, କୁଡୁମୁଲୁଗୁମ୍ମା ତହସିଲ, ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଗୁରୁବାର କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପହଲା ପାଙ୍ଗି, ତହସିଲଦାର ବିଜୟ ମାଣ୍ଡାଙ୍ଗୀ, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ, ବିଏସ୍‌ଏଫ୍‌ରୁ ଅଶ୍ୱିନୀ କୁମାର, ପିଇଓ ପ୍ରଦୀପ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରଥହାଟ ଅଞ୍ଚଳ ପରିକ୍ରମା କରିବା ସହ ପଦିଆପାଲି, ଗୁଣ୍ଡୁରିଗୁଡା, ପୂଜାରିଗୁଡା, ନୂଆଗୁଡା, ଦୋରାଗୁଡା, ପୁରୁଣାଗୁମ୍ମା, ଓରିଙ୍ଗି, ଚାଲାଣଗୁଡା ଗ୍ରାମ ପରିକ୍ରମା କରି କରୋନା ମହାମାରୀ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲା। କାର୍ଯ୍ୟକ୍ରମକୁ ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ପ୍ରଭାକର ସୁନା, ଭଗବାନ ସାହୁ, ହୃଷୀକେଶ ସେଠୀ, ଗଣେଶ ପଟ୍ଟନାୟକ, ଶରତ ଖରା, ବିଜୟ ପଟ୍ଟନାୟକ, ସମାଜିକ କର୍ମୀ ଯୁଗଳ କିଶୋର ସ୍ୱାଇଁ, ଗୋପୀ ପାଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ।

# ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କଲା ପ୍ରଶାସନ

ମାଲକାନଗିରି,୨୦।୫ (ଡି.ଏନ.ଏ.)

**କ୍ଷତି ସହୁଛନ୍ତି ପରିବା ଚାଷୀ**



ଲକ୍‌ଡାଉନ ଘୋଷଣା ସତ୍ତ୍ୱେ ଅମାନିଆ ନ ମାନିବାରୁ ମାଲକାନଗିରି ଜିଲାରେ କରୋନ ସଂକ୍ରମଣ ବୃଦ୍ଧି ପାଇଛି। ପ୍ରଶାସନ ଏହା ଅନୁଭବ କରିବା ପରେ ଯାଞ୍ଚକୁ କଡ଼ାକଡ଼ି କରିଛି ପୋଲିସ। ଫଳରେ ସକାଳ ୬ରୁ ୧୨ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଲୋକଙ୍କୁ ଯେଉଁ ସୁବିଧା ମିଳିଥିଲା ସେଥିରେ ରୋକ ଲାଗିଛି। ଏଥିପାଇଁ ସକାଳ ୬ରୁ ଦିନ ୧୧ଟା ପର୍ଯ୍ୟନ୍ତ ସୁଯୋଗ ଦେଇଛି ପ୍ରଶାସନ। ଏହି ସମୟ ମଧ୍ୟରେ ଲୋକେ ସେମାନଙ୍କ ଆବଶ୍ୟକ ସାମଗ୍ରୀ କିଣି ଘରକୁ ଫେରିବେ। ବିଭିନ୍ନ ଅଞ୍ଚଳରେ ସଚେତନତା ସତ୍ତ୍ୱେ ଅମାନିଆ ନିୟମ ଭାଙ୍ଗୁଥିବାରୁ ସାଧାରଣ ଲୋକଙ୍କୁ ଏଏହାର ମୂଲ୍ୟ ଦେବାକୁ ପଡିଛି। ପୋଲିସ, ରାଜସ୍ୱ ବିଭାଗ, ମାଲକାନଗିରି ପୌରାଞ୍ଚଳ, ବାଲିମେଳା ଏନ୍‌ଏସିର ବିଭିନ୍ନ ଛକରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଗୁରୁବାର ମାଲକାନଗିରି ସହରରେ ଦିନ ୧୧ଟା ପରେ କେବଳ ଔଷଧ ଦୋକାନକୁ ବାଦ୍ ଦେଲେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ରାସ୍ତାଘାଟ ଶୂନଶାନ ହୋଇପଡିଥିଲା। ପ୍ରତି ଛକରେ ପୋଲିସ, ରାଜସ୍ୱ ବିଭାଗ ଓ ପୌରାଞ୍ଚଳ କର୍ତ୍ତୃପକ୍ଷ ଗାଡି ମୋଟର ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା। ସ୍ୱଳ୍ପ ସମୟ ମଧ୍ୟରେ ପନିପରିବା ବିକ୍ରି ହୋଇପାରୁ ନ ଥିବାରୁ ପରିବା ବିକ୍ରି ଲାଗି ଆଣୁଥିବା ଚାଷୀମାନେ କ୍ଷତିରେ ପଡୁଥିବା ଜଣାପଡିଛି।

